ଅରୁଣିମା
Arunima
A Newsletter of TPSODL

TPSODL
TP SOUTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

VOL - 03 | ISSUE 2 | JULY 2025



# CONNECTING LIVES

TPSODL Gears up for Monsoon Season

TPSODL Marks Tata Sustainability Month with engaging activities



# Executive Spotlight

## ଆଳାପ

## "ନବସୃଜନ କ୍ଷେତ୍ରରେ ରହିଛି ଅନେକ ସମ୍ଭାବନା"

**ଟିପିଏସ୍‌ଓଡିଏଲର ଟେକ୍ନୋଲୋଜି ଚିଫ୍ ଭାବେ କାର୍ଯ୍ୟରତ ଅଛନ୍ତି ଶ୍ରୀ ସୌମିତ୍ର ବାନାର୍ଜୀ । ଦୀର୍ଘ ବର୍ଷର ଅଭିଜ୍ଞତା ସହ ଶ୍ରୀ ବାନାର୍ଜୀ ନୂତନ ଜ୍ଞାନକୌଶଳ ଏବଂ ଅଭିନବ ପ୍ରଯୁକ୍ତିବିଦ୍ୟା ସହ ବେଶ୍ ପରିଚିତ । ଦକ୍ଷିଣ ଓଡ଼ିଶା ଭଳି ଆହ୍ୱାନଭରା ଇଲାକାରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବାରେ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ଦେଉଥିବା ଶ୍ରୀ ସୌମିତ୍ର ବାନାର୍ଜୀଙ୍କ ସହ ଆଳାପ : -**



**୧. ଶକ୍ତି କ୍ଷେତ୍ରରେ ଆପଣଙ୍କ ଏକ ଲମ୍ବା କ୍ୟାରିୟର ରହିଛି । ଏ କ୍ଷେତ୍ରକୁ ଆସିବା ପାଇଁ ଆପଣ କେଉଁଠୁ ପ୍ରେରଣା ପାଇଲେ, ଆଉ ବର୍ତ୍ତମାନ ଯାଏଁ ଏହି ଯାତ୍ରା କିଭଳି ରହିଛି ?**

-- ପିଲାଟି ଦିନରୁ ମେସିନ ଏବଂ ଇଲେକ୍ଟ୍ରୋନିକ୍ସ କିଭଳି କାମ କରେ, ସେନେଇ ମୋ ମନରେ ଉତ୍କଣ୍ଠା ଥିଲା । ଆଉ ସେଇ କୌତୂହଳ ଯୋଗୁଁ ହିଁ ମୁଁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଯୋଗ ଦେଲି । ପରବର୍ତ୍ତୀ ସମୟରେ ପାୱାର ସିଷ୍ଟମ ଏବଂ ସ୍ମାର୍ଟ ଟେକ୍ନୋଲୋଜିରେ ମୋର ଆଗ୍ରହ ବଢ଼ିଲା । ମୋର ଏହି ଯାତ୍ରା ଉଭୟ ଆହ୍ୱାନପୂର୍ଣ୍ଣ ଏବଂ ସଫଳ ରହିଛି । ଟିପିଏସ୍‌ଓଡିଏଲରେ ଉନ୍ନତ ଡିଜିଟାଲ ସମାଧାନ କାର୍ଯ୍ୟକ୍ଷମ କରିବାରେ ମୁଁ ଯୋଗଦାନ କରିପାରିଛି । ଏଦିଗରେ ନବସୃଜନ ମୋତେ ପ୍ରତ୍ୟେକ ସମୟରେ ପ୍ରେରଣା ଦେଇଆସିଛି ।

**୨. ଟିପିଏସ୍‌ଓଡିଏଲରେ ଟେକ୍ନୋଲୋଜିକୁ ନେଇ ଆପଣଙ୍କ କଣ ଭିଜନ ରହିଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଗ୍ରାହକ ସୁବିଧାରେ ରୂପାନ୍ତରଣ ଆଣିବାରେ ଟେକ୍ନୋଲଜିର ଭୂମିକାକୁ ଆପଣ କିଭଳି ଦେଖନ୍ତି ?**

--ଡିଜିଟାଲ ସମାଧାନ ଉପଯୋଗ କରି ସ୍ମାର୍ଟ, ସୁଦୃଢ଼ ଏବଂ ଗ୍ରାହକ କୈନ୍ଦ୍ରିକ ବିତରଣ ନେଟୱର୍କ ତିଆରି କରିବା ନେଇ ମୋର ଲକ୍ଷ୍ୟ ରହିଛି । ବର୍ତ୍ତମାନ ଆମେ ଜିଆଇଏସ୍, ସ୍କାଡା, ସ୍ମାର୍ଟ ମିଟର ଏବଂ ରିଅଲ ଟାଇମ୍ ମନିଟରିଂ ବ୍ୟବହାର କରୁଅଛୁ । ବିଦ୍ୟୁତ କାଟ କମାଇବା, ସାମର୍ଥ୍ୟ ବୃଦ୍ଧି କରିବା ଏବଂ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଦିଗରେ କୃତ୍ରିମ ବୁଦ୍ଧିମତା ପରିଚାଳିତ ବ୍ୟବସ୍ଥା, ଅଟୋମେସନ ଓ ଡାଟା ଏନାଲିଟିକ୍ସ ସହାୟକ ହେବ ବୋଲି ମୁଁ ଆଶାବାଦୀ ଅଛି ।

**୩. ପୂରା ଦିନ କର୍ମକ୍ଷେତ୍ରରେ ବିତାଇବା ପରେ ଆପଣ କଣ କରନ୍ତି ? ଅବସର ସମୟକୁ ଆପଣ କେମିତି ଉପଭୋଗ କରନ୍ତି ?**

--ନିଶ୍ଚୟ, କର୍ମକ୍ଷେତ୍ରରୁ ଫେରିବା ପରେ ଆରାମ କରିବା କିମ୍ବା ମନ ପସନ୍ଦର କିଛି କରିବା ଜରୁରୀ । ମୁଁ ନନ-ଫିକ୍ସନ୍ ପଢ଼ିବାକୁ ଭଲ ପାଏ, ବିଶେଷ କରି ଜୀବନୀ ଏବଂ ଇନୋଭେସନ୍ ଉପରେ ବହି ପଢେ । ସ୍କେଚ୍ କରିବା କିମ୍ବା ବଗିଚାରେ କିଛି ସମୟ ବିତାଇବା ପାଇଁ ଭଲ ଲାଗେ । ଏସବୁ ଦ୍ୱାରା ଡିଜିଟାଲ ଦୁନିଆରୁ କିଛି ସମୟ ଦୂରେଇ ରହିବା ପାଇଁ ମୋତେ ସୁଯୋଗ ମିଳେ, ଆଉ ସେହି କିଛି ସମୟ ମୁଁ ମୋ ନିଜ ପାଇଁ ଦିଏ ।

**୪. ଆପଣଙ୍କ ପସନ୍ଦର ସିନେମା କିମ୍ବା ମ୍ୟୁଜିକ ବିଷୟରେ କହିବେ ?**

--କ୍ଲାସିକ ହିନ୍ଦୀ ସିନେମାର ମୁଁ ଜଣେ ବଡ଼ ପ୍ରଶଂସକ । ଗାଇଡ୍, ଥ୍ରୀ ଇଡିଅଟ୍ସ, ସ୍ୱଦେଶ ଭଳି ସିନେମା ମୋ ମନରେ ଏକ ଛାପ ଛାଡ଼ିଛି । ଯଦି ସଙ୍ଗୀତ କଥା କହିବାକୁ ଗଲେ, ମୁଁ କିଶୋର କୁମାରଙ୍କ ଗୀତ ଶୁଣେ, ବେଳେବେଳେ ଇନଷ୍ଟ୍ରୁମେଣ୍ଟାଲ୍ ମ୍ୟୁଜିକ ବି ଶୁଣିବାକୁ ମନ ହୁଏ । ଏଥିରେ ମୁଁ ରିଲାକ୍ସ ଅନୁଭବ କରେ ।

**୫. ଏତେ ଲମ୍ବା ସମୟର କର୍ମ ଜୀବନରେ ଆପଣ ବିଭିନ୍ନ ଅଞ୍ଚଳରେ କାମ କରିଛନ୍ତି । ଦକ୍ଷିଣ ଓଡ଼ିଶା ବିଷୟରେ ଆପଣ କଣ କହିବେ ?**

--ଦକ୍ଷିଣ ଓଡ଼ିଶା ବେଶ୍ ନିଆରା । ଏଇଠି ପ୍ରାକୃତିକ ସୌନ୍ଦର୍ଯ୍ୟ, ଜନଜାତି ସଂସ୍କୃତି ଏବଂ ସୁନ୍ଦର ଆତିଥ୍ୟ ଦେଖିବାକୁ ମିଳେ । ଏଠିକାର ମଣିଷମାନେ ଖୋଲା ହୃଦୟର ଏବଂ ବେଶ୍ ସଶକ୍ତ ମଧ୍ୟ । ଜଣେ ପେଶାଦାର ଭାବେ କହିବାକୁ ଚାହେଁ ଯେ ବୈଷୟିକ ରୂପାନ୍ତରଣ ଏବଂ ସମାବେଶୀ ବିକାଶ ପାଇଁ ଏହି ଅଞ୍ଚଳରେ ଅନେକ ସମ୍ଭାବନା ଅଛି ।

**୬. ଏବେ ଯାଏଁ ଟିପିଏସ୍‌ଓଡିଏଲରେ ଆପଣଙ୍କ ସବୁଠୁ ସ୍ମରଣୀୟ ପ୍ରକଳ୍ପ କଣ ?**

ଟିପିଏସ୍‌ଓଡିଏଲରେ ସ୍ମାର୍ଟ ମିଟରିଂ, ଜିଆଇଏସ୍ ଏବଂ ଅଟୋମେସନ୍ ପ୍ରକଳ୍ପ ମୋ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରୋଜେକ୍ଟ । ଉପଭୋକ୍ତା କୈନ୍ଦ୍ରିକ ମିଟରିଂ ସମାଧାନ, ସମସ୍ତ ବିତରଣ ଭିତ୍ତିଭୂମିକୁ ଜିଆଇଏସରେ ଯୋଡିବା, କେନ୍ଦ୍ରୀୟ କମାଣ୍ଡ ପିଏସସିସି ସହ ଅନ୍ୟ ପ୍ରାଇମେରୀ ସବଷ୍ଟେସନଗୁଡ଼ିକୁ ସମନ୍ୱିତ କରିବା ଏବଂ ସମସ୍ତ ଅଂଶୀଦାରଙ୍କୁ ଏଥିରେ ସାମିଲ କରିବା ଉପାଦେୟ ସାବ୍ୟସ୍ତ ହୋଇଛି । ଏହା କେବଳ ଟେକ୍ନୋଲଜିରେ ସୀମିତ ନୁହେଁ । ମୁଁ ତ କହିବି, ଏହା ମାନସିକତାରେ ପରିବର୍ତ୍ତନ । ଏସବୁ କାର୍ଯ୍ୟକ୍ଷମ ହେବା ଏବଂ ଉପଭୋକ୍ତା ଲାଭାନ୍ୱିତ ହେବା ଦେଖି ମୁଁ ବହୁତ ଖୁସି ।

**୭. ବିଦ୍ୟୁତ ବିତରଣ କ୍ଷେତ୍ରରେ ଯୋଗ ଦେଉଥିବା ଯୁବ ଇଞ୍ଜିନିୟର ଏବଂ ପେଶାଦାରମାନଙ୍କୁ ଆପଣଙ୍କ ବାର୍ତ୍ତା କଣ ?**

--ଡିଜିଟାଇଜେଶନ, ସଷ୍ଟେନେବିଲିଟି ଏବଂ ଅକ୍ଷୟ ଶକ୍ତିର ଉପଯୋଗ ସହ ଏହି କ୍ଷେତ୍ର ଦ୍ରୁତ ଗତିରେ ରୂପାନ୍ତରିତ ହେଉଅଛି । ମୋର ପରାମର୍ଶ ହେଉଛି - ଜାଣିବାର କୌତୂହଳ ବଜାୟ ରଖନ୍ତୁ, ଶିଖିବା ପ୍ରକ୍ରିୟା ଜାରି ରଖନ୍ତୁ, ଏବଂ ବାସ୍ତବତାକୁ ସାମ୍ନା କରିବା ପାଇଁ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ । ଯେତେବେଳେ ଟେକ୍ନୋଲୋଜି ଓ ସହୃଦୟତାର ସମନ୍ୱୟ ଘଟେ, ସେତେବେଳେ ବାସ୍ତବ ରୂପାନ୍ତରଣ ଘଟେ । ଆପଣ ଯଦି ପରିଶ୍ରମ କରନ୍ତି ଏବଂ ଉଦ୍ଦେଶ୍ୟ ରଖି ଅଭିନବ ସମାଧାନ ପ୍ରସ୍ତୁତ କରନ୍ତି, ତାହେଲେ ଆଗକୁ ଅନେକ ସମ୍ଭାବନା ଓ ସୁଯୋଗ ରହିଛି ।



## CEO's DESK



Dear Team,

As we connect once again through our Newsletter Arunima, I want to take a moment to express my sincere appreciation for each one of you. Your continued dedication, discipline, and resilience are what keep TPSODL strong, steady, and dependable — especially in challenging times.

With the onset of the monsoon, we enter a critical period that demands heightened alertness, quick responsiveness, and an unwavering commitment to safety. Heavy rains can test our infrastructure and field operations, but our preparedness ensures that we stay ahead.

Thanks to your proactive efforts — be it preventive maintenance, safety audits, or field readiness exercises — we are equipped to handle the complexities this season may bring. These initiatives reflect not just operational excellence, but also our deep responsibility toward our consumers and one another.

During the recent National Electrical Safety Week, we were once again reminded that safety is not just a protocol — it's a culture. Let's continue to uphold this culture every single day, in every location, across every role.

Together, let us keep moving forward with care, courage, and commitment — ensuring safe, reliable power for every household we serve.

Warm Regards,

**Mr. Amit Kumar Garg**

**CEO TPSODL**

# TPSODL Strengthens Power Network Ahead of Monsoon Onslaught

As the monsoon approaches Southern Odisha, bringing with it heavy rains, lightning, and high-speed winds, TP Southern Odisha Distribution Limited (TPSODL) has completed robust preparations to ensure reliable power supply and efficient emergency response. Operating in a region marked by difficult terrain, forested belts, and remote villages, TPSODL has adopted a proactive and technology-driven approach to strengthen its network and serve its consumers reliably during the season.

A dedicated team of 5,925 personnel has been deployed across six operational circles, supported by additional manpower and emergency vehicles. Six mobile distribution substations and two tower wagons have been strategically placed for quick response to power disruptions and tree-related obstructions. Emergency materials such as poles, conductors, and LT AB cables are stocked at the section level, while 25 ASKA lights and 19 DG sets in each division ensure night-time readiness. With 2,529 interposing poles already installed, TPSODL has exceeded its infrastructure reinforcement targets.

A major highlight of this year's readiness is the drone-based survey of 11kV and 33kV lines, allowing early detection of potential weak spots, especially in hilly and forested areas. Control centers at Berhampur (PSCC) and APSCCs in Rayagada, Bhanjanagar, and Jeypore are functional 24x7, monitoring 178 substations through SCADA.

Customer communication has also been enhanced with IVRS-enabled systems, SMS alerts, and a missed call service (9777774699) for real-time outage updates.

With quality metrics like SAIFI and SAIDI published online, and real-time coordination ensured through satellite phones and a dedicated 33kV desk, TPSODL continues to lead by example.

**Monsoon-Ready Power Network** — TPSODL prepares for heavy rains and storms with tech-led infrastructure upgrades across tough terrains in Southern Odisha.

**Massive Ground Force Deployed** — 5,925+ personnel, emergency vehicles, mobile substations, and stocked materials stand ready across 6 operational circles.

**Drone Surveillance Boost** — Advanced drone surveys of 11kV & 33kV lines detect weak spots early—especially in forested and hilly zones.

**24x7 Monitoring & Communication** — Real-time control via PSCC & APSCCs, plus IVRS, SMS alerts, and missed **call service (9777774699)** keep customers informed.



1 Executive Spotlight
3 Operational Excellence
4 Consumer Centricity
5 Event Hub
6 Empowering Community
7 Travel Treasure
8 In Focus
9 Fun Zone
10 In News

# Operational Excellence

## TPSODL Strengthens Power infrastructure in urban Berhampur



To strengthen the power infrastructure in Berhampur, TPSODL has proactively enhanced the reliability and efficiency of electricity supply in urban areas. A new 11 kV feeder has been strategically added to the existing network. The old city hospital feeder has been divided into two distinct lines: the Town Hall feeder and the Bank Colony feeder. This restructuring increases the total number of operational feeders in the region to two. The segregation significantly reduces the load pressure on any single feeder, allowing for improved voltage regulation across the network.

These upgrades benefit over 20,000 consumers in key localities such as Bank Colony, Brahma Nagar, Bapuji Nagar, and City Hospital, as well as high-traffic areas like the Old Bus Station and Annapurna Market. In case of a fault or maintenance in one line, the remaining feeder can support the load without major disruptions, providing consumers with a seamless and uninterrupted power supply.



## Enhanced Power Reliability for Baliguda Subdivision



TPSODL has successfully upgraded the conductor of the 33 kV Raikia to K. Nuagaon feeder from 35 sq mm to 148 sq mm. This enhancement will improve the reliability of the power supply for the Baliguda Subdivision, which includes Baliguda, Daringbadi, and Tumudibandha.

The upgraded feeder now serves as a backup power line, sourcing electricity from the G. Udayagiri Grid Substation via Raikia. This feeder acts as a reliable alternative to the main 33 kV feeder, which runs approximately 140 kilometres from Phulbani GSS via Phiringia. Previously, any fault along this main feeder resulted in extended outages. With the upgrade, the backup feeder can now ensure uninterrupted service.

Communities in these tribal-dominated and hilly areas, often vulnerable to supply disruptions due to terrain and weather, can now rely on a more stable and consistent electricity supply.

### Stay Safe, this Monsoon

**WATER LOGGING & FLOODING**
**Risk:** Substation failure, cable damage, shock hazards
**Action:** Ensure drainage, raise transformer platforms, seal joints

**LIGHTNING & SURGES**
**Risk:** Equipment burnout, feeder trips, linemen danger
**Action:** Install surge arresters, use protective gear, conduct drills

**FALLING TREES & POLES**
**Risk:** Power cuts, snapped lines, public safety threats
**Action:** Trim trees, reinforce poles and stays



# Consumer Centricity

# ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା

## ସୌର ବିପ୍ଳବର ନେତୃତ୍ୱ ନେଉଛି ଟିପିଏସ୍ଓଡିଏଲ୍



ଦକ୍ଷିଣ ଓଡ଼ିଶାରେ ଟିପିଏସ୍ଓଡିଏଲ୍ ତରଫରୁ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାକୁ ଅଧିକ ବ୍ୟାପକ କରିବା ପାଇଁ ଓ ସବୁ ଲୋକଙ୍କ ପାଖରେ ଏହାର ସୁବିଧା, ଉପକାରିତା ପହଞ୍ଚାଇବା ପାଇଁ ନିଆଯାଉଛି ବିଭିନ୍ନ ପଦକ୍ଷେପ । ଯୋଜନାରେ ସାମିଲ ହେବା ପାଇଁ ଉପଭୋକ୍ତାଙ୍କ ପଞ୍ଜିକରଣଠାରୁ ନେଇ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଓ ସରକାରୀ ସବସିଡିର ସୁବିଧା ଯେମିତି ସମସ୍ତ ଉପଭୋକ୍ତାଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଟିପିଏସ୍ଓଡିଏଲ୍ ପ୍ରୟାସରତ ।

ସମଗ୍ର ଦକ୍ଷିଣ ଓଡ଼ିଶାରେ ମୋଟ ୭୯୩ଟି ରୁଫଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ ହୋଇସାରିଛି । ସେଥିମଧ୍ୟରୁ ମୋଟ ୧୬୮ଜଣ ଉପଭୋକ୍ତା ନିଜର ବିଜୁଳି ବିଲ୍ ହ୍ରାସ କରିବାରେ ସମର୍ଥ ହୋଇପାରିଛନ୍ତି । ଏହି ଯୋଜନାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ମିଳୁଥିବା ସରକାରୀ ସବସିଡି ରାଶି ଉପଭୋକ୍ତାଙ୍କ ପାଇଁ ଏକ ସଞ୍ଜିବନୀ ସାଜିଛି । ଗୋଟିଏ ୩ କିଲୋୱାଟ ରୁଫଟପ୍ ସୋଲାର ସିଷ୍ଟମ ମାସିକ ପ୍ରାୟ ୩୦୦ ୟୁନିଟ ବିଜୁଳି ଉତ୍ପାଦନ କରେ, ଯାହା ଘରେ ଲାଗିଥିବା ଫ୍ୟାନ, ଲାଇଟ୍, ଟିଭି, ଫ୍ରିଜ ଏବଂ ଅନ୍ୟାନ୍ୟ ଘରୋଇ ଉପକରଣକୁ ଚଳାଇବା ପାଇଁ ଯଥେଷ୍ଟ । ଯାହାଫଳରେ ଲୋକଙ୍କ ବିଦ୍ୟୁତ ବିଲ୍ ଶୂନ ହେବା ସହ ସେମାନଙ୍କ ମାସିକ ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି। ସର୍ବନିମ୍ନ ରକ୍ଷଣାବେକ୍ଷଣ, ଦୀର୍ଘସ୍ଥାୟୀ ବିଜୁଳି ବ୍ୟବସ୍ଥା ଏବଂ କାର୍ବନ ଫୁଟପ୍ରିଣ୍ଟ ଯୋଗୁଁ ସୌର ଶକ୍ତିର ଚାହିଦା ବୃଦ୍ଧି ପାଉଛି ।

## ବିକାଶ ମେଳାରେ ସଚେତନତା ଷ୍ଟଲ

ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହୋଇଥିଲା ଜିଲ୍ଲାସ୍ତରୀୟ ବିକାଶ ମେଳା । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ରାୟଗଡ଼ା, ଫୁଲବାଣୀ, ବୌଦ୍ଧ ଜିଲ୍ଲାରେ ଆୟୋଜିତ ବିକାଶ ମେଳାରେ ଟିପିଏସ୍ଓଡିଏଲ୍ ତରଫରୁ ପ୍ରଦର୍ଶିତ ହୋଇଥିଲା ସଚେତନତା ଷ୍ଟଲ । ଯେଉଁ ଷ୍ଟଲ ଜରିଆରେ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାରେ ସାମିଲ ହେବା ପାଇଁ ଆବେଦନ ପ୍ରକ୍ରିୟା, ସୌର ପ୍ୟାନେଲର ସହଜ ସ୍ଥାପନ, ସରକାରୀ ସବସିଡିର ସୁବିଧା ବାବଦରେ ଷ୍ଟଲକୁ ଆସୁଥିବା ଉପଭୋକ୍ତାଙ୍କୁ ବୁଝାଯାଇଥିଲା । ଯୋଜନାରେ ସାମିଲ ହେବା ପାଇଁ ସେହି ସ୍ଥାନରେ ଉପଭୋକ୍ତାମାନେ ପଞ୍ଜିକରଣ ମଧ୍ୟ କରିଥିଲେ । ବିକାଶ ରଥ ମାଧ୍ୟମରେ ମଧ୍ୟ ଗାଁରୁ ଗାଁ ଯାଇ ଉପଭୋକ୍ତା ଓ ଜନସାଧାରଣମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା ।



## ପଞ୍ଚାୟତ ସମିତିରେ ସ୍ୱତନ୍ତ୍ର ଅଧିବେଶନ



ପଞ୍ଚାୟତ ସମିତି ପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟମାନଙ୍କ ଜରିଆରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ବାବଦରେ ଅବଗତ କରାଯାଇପାରିବ ସେନେଇ ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିଲା ଏହି ପଦକ୍ଷେପ । ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

## Happy Consumer



### କାହ୍ନୁଚରଣ ପାଢ଼ୀ

ଗଞ୍ଜାମ ଜିଲ୍ଲାରେ ଆୟୋଜିତ ବିକାଶ ମେଳାକୁ ମୁଁ ଆସିଥିଲି । ଏଠାକୁ ଆସିବା ପରେ ଟିପିଏସ୍ଓଡିଏଲର ଷ୍ଟଲରେ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ବାବଦରେ ସବିଶେଷ ସୂଚନା ମୁଁ ଏଠାକାର କର୍ମଚାରୀମାନଙ୍କଠାରୁ ଜାଣିବାକୁ ପାଇଥିଲି । ଏଥିପାଇଁ ମୁଁ ଏଠାରେ ପଞ୍ଜିକରଣ ମଧ୍ୟ କରିପାରିଲି । ଆଗାମୀ ଦିନରେ ମୁଁ ମଧ୍ୟ ସରକାରୀ ସବସିଡିର ସୁବିଧା ସାଙ୍ଗକୁ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିବି । ପରିବେଶର ସୁରକ୍ଷା ଓ ମାଗଣା ବିଜୁଳି ଯୋଜନାର ଲାଭ ଯେମିତି ସଭିଏଁ ପାଇପାରିବେ ସେଥିପାଇଁ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ ବୋଲି ମୁଁ କହୁଛି ।

# Empowering Community

TPSODL has consistently championed sustainability since the inception of its operations in Southern Odisha, going beyond its core mandate of reliable power distribution. Under the Aegis of ***Tata Sustainability Month,*** the company undertook a series of impactful CSR initiatives, reaffirming its dedication to environmental awareness and a greener future.

## Cleaner Beach for Sustainable Tourism



As part of Tata Sustainability Month, TPSODL organized a beach cleanliness drive at Gopalpur on the occasion of World Environment Day, embracing the ethos of sustainable tourism. Gopalpur Beach, a popular tourist hotspot in Southern Odisha, attracts a significant number of visitors every day.

The initiative aimed to preserve the coastal ecosystem while raising awareness about the importance of maintaining a clean environment. More than 30 volunteers and employees of TPSODL participated in the drive, collecting waste materials thrown along the beach.

## Waste to Wonder



To commemorate World Environment Day, TPSODL organized an inspiring "Best Out of Waste" DIY (Do It Yourself) workshop at the Anokha Dhaga Centre. The initiative brought together TPSODL volunteers and SHG women, who creatively transformed discarded materials and garment scraps from the centre into beautiful flower vases, pen stands, wall hangings, and home decor items.

The workshop highlighted the value of sustainable upcycling. It shows that waste, when seen through the lens of creativity, can be reborn into something meaningful and elegant, intertwining environmental consciousness with artistic expression.

## A Thoughtful Session on Aquatic Ecosystems



An engaging session titled "Macro Debris to Micro Debris: The Fate of Plastics in Aquatic Ecosystems" was conducted on 6th June at TPSODL. Prof. B. Anjan Kumar Prusty from Berhampur University shared impactful insights on how plastic pollution affects aquatic ecosystems and human health. The session saw enthusiastic participation from over 25 volunteers and leaders, sparking meaningful dialogue and encouraging collective action toward a cleaner, greener future.

# Event Hub

## Growing a Greener Future



World Environment Day was celebrated with great enthusiasm across all Circle Offices and Divisions within TPSODL's operational area. As part of the celebration, a massive tree plantation drive was carried out - 75 saplings were planted at the Bhanjanagar Circle, 150 at various locations under the Nabarangpur Electrical Division, and 50 at the Jeypore Electrical Division. The planted saplings included Guava, Neem, Amla, Jamun, and Mango, chosen for both their ecological and nutritional value.



In addition, 450 saplings were planted across different divisional offices under the "Ek Ped Maa Ke Naam" campaign, an initiative encouraging individuals to dedicate a tree in honor of their mothers. The initiative witnessed active participation from TPSODL employees and volunteers, reflecting the company's vision of nurturing a greener, healthier planet.

## Yoga for One Earth, One Health

In a quiet celebration of unity and health, TPSODL observed International Yoga Day across its operational locations with serene yoga sessions that brought a sense of calm and connection to the workday.Guided by the theme "Yoga for One Earth, One Health" employees stepped away from their desks to stretch, breathe, and slow down; if only for a few minutes.

Gentle movements and mindful breathing offered a refreshing pause, helping clear the mind and relax the body. This simple practice, embraced together, reflected something deeper: a shared belief that when we take care of ourselves, we're better able to care for each other and the world around us.




## National Electrical Safety Week 2025



Aligning with this year's theme "Electrical Safety is Non-Negotiable" and "Smart Energy, Smart Nation", TPSODL observed National Electrical Safety Week 2025 from June 26 to July 2 across Southern Odisha. Several impactful initiatives were undertaken to raise public awareness and encourage safety practices. Key highlights included safety pamphlet distribution during Ratha Yatra, Banner display at public places, social media campaigns, sensitization meeting with BA workforce to reinforce safety protocols.

As part of the week-long campaign, safety awareness sessions were held at schools to educate students on the importance of electrical safety. TPSODL carried out an extensive Pole Leakage Current Testing drive at different places to identify and rectify potential hazards, ensuring public safety and enhancing power reliability.

## Promoting Employee Wellness



Promoting Employees' wellness, TPSODL organised a health camp at the Central Store, Berhampur. The initiative focuses on promoting employee well-being and providing essential health services, including a vitals check-up, Random Blood Sugar (RBS) testing, Rinne and Weber hearing tests, along with general medical consultation and free medicines.

Recognising the importance of preventive healthcare, such camps are planned to be organised more in future.



# Travel Treasure

## ଜନଜାତି ଓ ଜଗନ୍ନାଥ ସଂସ୍କୃତିର ସଙ୍ଗମ - ଶାବର ଶ୍ରୀକ୍ଷେତ୍ର



ଜନଜାତିଙ୍କ କଳା ସଂସ୍କୃତିରେ ସମୃଦ୍ଧ ଦକ୍ଷିଣ ଓଡ଼ିଶା । କୋଟି ଓଡ଼ିଆଙ୍କ ପ୍ରାଣପ୍ରିୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଥମେ ଶବର ଆଦିବାସୀ ହିଁ ପୂଜା କରୁଥିଲେ, ଇତିହାସଠୁ ବି ପୁରୁଣା ସେମାନଙ୍କ ଜଗନ୍ନାଥ ଚେତନା। ବଣ ପାହାଡ଼ ଘେରା ମାଳଭୂଇଁରେ କେଉଁ ଆଦିମ କାଳରୁ ସେମାନେ ଶ୍ରୀଜଗନ୍ନାଥଙ୍କ ଉପାସନା କରିଆସୁଛନ୍ତି । ସେଇଥିପାଇଁ ତ ଶବରମାନଙ୍କ ପ୍ରେମ ଓ ଭକ୍ତିରେ ବାନ୍ଧି ହୋଇ ତିନି ଦିଅଁ ଫେରି ଆସିଛନ୍ତି ପ୍ରକୃତି କୋଳକୁ, ଆଦିବାସୀଙ୍କ କୁଟୀରକୁ । ନୀଳାଚଳ ଧାମ ସହ ଆଦିଭୂମି କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ମଧ୍ୟ ମହାପ୍ରଭୁ ବିଜେ କରିଛନ୍ତି ।

ଶାବର ଶ୍ରୀକ୍ଷେତ୍ର ଭାବେ ପରିଚିତ କୋରାପୁଟ ସହରରେ ଥିବା ଜଗନ୍ନାଥ ମନ୍ଦିର ଓଡ଼ିଶାର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳୀ । ୧୯୭୮ ମସିହାରେ ପୁରୀ ଗଜପତି ମହାରାଜାଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା । କୋରାପୁଟ ସହର ଭିତରେ ମୁଣ୍ଡ ଟେକିଥିବା ନୀଳଶୈଳ ପାହାଡ଼ ଉପରେ ମନ୍ଦିରଟି ରହିଛି । ଏଠାରେ ମୁଖ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ଭିତର ବେଢାରେ ଅନେକ ପାର୍ଶ୍ୱ ଦେବାଦେବୀ ମଧ୍ୟ ପୂଜା ପାଉଛନ୍ତି । ବାଇଶି ପାହାଚ ପାର୍ଶ୍ୱରେ ରହିଛି ଶବର ଜନଜାତିଙ୍କ ମାତାରବନମ୍ ପୀଠ । ପାଦ ଦେଶରେ ପୂଜା ପାଉଛନ୍ତି ଶବରେଶ୍ୱର ମହାଦେବ ।





କୋରାପୁଟରେ ରଥଯାତ୍ରା ବେଶ୍ ଧୁମଧାମରେ ନିଆରା ଢଙ୍ଗରେ ପାଳିତ ହୁଏ । ଜନଜାତି ଭକ୍ତ ବହୁଳ ସଂଖ୍ୟାରେ ସାମିଲ ହୋଇ ଅତି ଶ୍ରଦ୍ଧାର ସହ ରଥ ଟାଣନ୍ତି । ଏଠାରେ ଆଦିବାସୀ ମୁଖିଆ ତିନି ରଥରେ ଛେରା ପହଁରା କରିବା ପରମ୍ପରା ରହିଛି । ରଥ ଗଡିବା ବେଳେ ବଣ୍ଡା, ଶବର, କନ୍ଧ, ପରଜା ଆଦି ବିଭିନ୍ନ ଜନଜାତିର ଭକ୍ତମାନେ ଆନନ୍ଦର ସହ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରନ୍ତି । ଏହାଛଡା ଶାବର ଶ୍ରୀକ୍ଷେତ୍ରରେ ଆଦିବାସୀମାନେ ମହାପ୍ରଭୁଙ୍କ ବିଭିନ୍ନ ସେବାରେ ନିୟୋଜିତ ଅଛନ୍ତି । ଶ୍ରୀ ଜଗନ୍ନାଥ ପରମ୍ପରା ସହ ଜଡ଼ିତ ସମସ୍ତ ନୀତିକାନ୍ତି, ବେଶ, ଉତ୍ସବ ଏଠାରେ ପାଳନ କରାଯାଏ । ପ୍ରତିଦିନ ମହାପ୍ରଭୁଙ୍କୁ ଅନ୍ନ ପ୍ରସାଦ ଲାଗି ହୁଏ ଏବଂ ଶାବର ଶ୍ରୀକ୍ଷେତ୍ରର ମାଲପୁଆ ଭୋଗ ସୁସ୍ୱାଦୁ ହୋଇଥିବାରୁ ଏହାର ବେଶ୍ ଚାହିଦା ରହିଛି ।

ବ୍ରହ୍ମପୁରଠାରୁ ଶାବର ଶ୍ରୀକ୍ଷେତ୍ରର ଦୂରତା ପ୍ରାୟ ୩୫୦ କିମି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଯାତ୍ରୀଙ୍କ ରହଣି ପାଇଁ ଅତିଥି ଭବନ ଏବଂ ଯାତ୍ରୀ ନିବାସର ବ୍ୟବସ୍ଥା ରହିଛି । ଶାବର ଶ୍ରୀକ୍ଷେତ୍ର ଯୋଗୁଁ ସମଗ୍ର ଦକ୍ଷିଣ ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ପ୍ରସାର ହେଉଛି । କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଶାବର ଶ୍ରୀକ୍ଷେତ୍ରର ମହିମା ରାଜ୍ୟ ତଥା ଓଡ଼ିଶା ବାହାରୁ ଅନେକ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଅଛି ।






# In Focus

## Bringing Services Closer to Consumers

### TPSODL inaugurated its 7th CRC in Malkangiri



TPSODL inaugurated its 7th CRC in Malkangiri, aiming to enhance consumer experience in one of the state's most remote regions. The centre offers services like billing, new connections, and grievance redressal under one roof. Strategically located and consumer-friendly, the CRC ensures quick, easy access to essential services. It's a step toward strengthening last-mile delivery and empowering local communities.

### Integrated Facility, improved Efficiency



A new building now houses both Division and Sub-Division offices in Nabarangpur for streamlined operations. This integrated setup ensures smoother coordination and faster consumer service. Modern infrastructure and dedicated counters make the office more accessible. TPSODL continues to expand its footprint with consumer-first infrastructure.

### One Location, Multiple Services



TPSODL's new office at Papadahandi brings Sub-Division and Section services together. This unified setup improves local responsiveness and reduces turnaround time. Billing counters and upgraded interiors enhance consumer convenience. The move supports TPSODL's mission of inclusive and accessible service.

### Powering Progress in Remote Malkangiri



Inaugurated in Balimela, this office caters to hilly and tribal pockets of Malkangiri. It brings electricity services closer to previously underserved areas. Equipped with modern infrastructure, the office promises faster, reliable service. TPSODL is committed to reaching the last mile with quality power.

### Strengthening Service in Koraput



TPSODL opened a new Section office in Kotpad to better serve local communities. The office offers improved facilities and faster grievance redressal. It represents another step in strengthening infrastructure in tribal regions. TPSODL remains focused on reliability.



# Safety Comic









TPSODL

TP SOUTHERN ODISHA
DISTRIBUTION LIMITED

(A Joint Venture of Tata Power and Government of Odisha)

**Get in touch with us:**
*corpcomm@tpsouthernodisha.com*

/TPSODL @TPSouthOdisha @tp_sodl @tpsodl /tpsodl